# NATIONAL NEWS BULLETIN (ODIA)

**6 September - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଭାରତ ଓ ଜାପାନ ମଧ୍ୟରେ ଡିଜିଟାଲ ସମ୍ବନ୍ଧ ଦୃଢ଼ କରିବା ନେଇ ଉଭୟ ଦେଶ ସହମତ ।

- ଆନ୍ଧ୍ରପ୍ରଦେଶ ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ୍, ଉଦ୍ଧାର ମରାମତି କାର୍ଯ୍ୟ ଲାଗି ସେନା ମୁତୟନ

- ଟିକସ ଫାଙ୍କି ଅଭିଯୋଗରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ପୁତ୍ର ହଣ୍ଟର ବାଇଡେନ୍ ଦୋଷୀ ସାବ୍ୟସ୍ତ

ଏବଂ

- ୨୦ ବର୍ଷରୁ କମ୍ କୁସ୍ତି ବିଶ୍ୱ ଚମ୍ପିୟାନ୍‌ସିପ୍‌ରେ ଭାରତକୁ ମିଳିଲା ସ୍ୱର୍ଣ୍ଣ ।

---

## ଅଶ୍ୱିନୀ ବୈଷ୍ଣବ-ଜାପାନ

ଭାରତ ଓ ଜାପାନ ମଧ୍ୟରେ ଡିଜିଟାଲ୍ ସମ୍ବନ୍ଧ ଦୃଢ଼ କରିବା ଉଦ୍ଦେଶ୍ୟରେ ସୂଚନା ପ୍ରସାରଣ ତଥା ଇଲେକ୍‌ଟ୍ରୋନିକ୍ସ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଟୋକିଓଠାରେ ସେଠାକାର ଡିଜିଟାଲ୍ ଟ୍ରାନ୍ସଫର୍ମେସନ୍ ମନ୍ତ୍ରୀ ତାରୋ କୋନୋଙ୍କ ସହ ବୈଠକ କରିଛନ୍ତି । ଉଭୟ ନେତା ଭବିଷ୍ୟତର ବୈଷୟିକ ଜ୍ଞାନକୌଶଳ ଉପରେ ଗୁରୁତ୍ୱ ଦେବା ସହ ଡିଜିଟାଲ୍ କ୍ଷେତ୍ରରେ ସହଯୋଗ ଏବଂ ନୂତନତ୍ୱ ଉପରେ ଗୁରୁତ୍ୱ ଦେଇଛନ୍ତି ।

ଶ୍ରୀ ବୈଷ୍ଣବ ଜାପାନର ବ୍ୟାଙ୍କ ଫର୍ ଇଣ୍ଟରନେସନାଲ୍ କର୍ପୋରେସନ୍ ର ଅଧ୍ୟକ୍ଷ ତଥା ନିର୍ଦ୍ଦେଶକ ତଦାସୀ ମାଏଦାଙ୍କ ସହ ସାକ୍ଷାତ କରି ଭାରତ-ଜାପାନ ସହଯୋଗ ବୃଦ୍ଧି ଉପରେ ଚର୍ଚ୍ଚା କରିଛନ୍ତି । ଉଭୟ ପକ୍ଷ ଭବିଷ୍ୟତରେ ସହଯୋଗ ସମେତ ବିଭିନ୍ନ ପ୍ରାସଙ୍ଗିକ କ୍ଷେତ୍ରଗୁଡ଼ିକର ଉନ୍ନତି ନିମନ୍ତେ ତଥ୍ୟ ଆଦାନ ପ୍ରଦାନ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଏହା ପୂର୍ବରୁ ଶ୍ରୀ ବୈଷ୍ଣବ ଜାପାନ ପ୍ରଧାନମନ୍ତ୍ରୀଙ୍କ ବିଶେଷ ପରାମର୍ଶଦାତା ମସାଫୁମି ମୋରି ଙ୍କ ସହ ଆଲୋଚନା କରି ଭାରତ -ଜାପାନ କୂଟନୈତିକ ସହଯୋଗର ବର୍ତ୍ତମାନ ସ୍ଥିତି ଓ ଭବିଷ୍ୟତ ରୂପରେଖ ଉପରେ ଆଲୋଚନା କରିଥିଲେ । ଏହି ଗସ୍ତ କାଳରେ ଶ୍ରୀ ବୈଷ୍ଣବ ଭାରତ-ଜାପାନ ମଧ୍ୟରେ ରେଳ ସହଯୋଗ ବୃଦ୍ଧି, ଆର୍ଥିକ ବିକାଶ ଏବଂ ସାଂସ୍କୃତିକ ସଂପର୍କ ଦୃଢ଼ କରିବା ନିମନ୍ତେ ଜାପାନର ବିଭିନ୍ନ ମନ୍ତ୍ରୀ ଏବଂ ନେତାମାନଙ୍କ ସହ ଆଲୋଚନା କରିଥିଲେ ।

---

## ଏପି-ସେନା

ଆନ୍ଧ୍ରପ୍ରଦେଶର ବିଜୟୱାଡ଼ା ନିକଟରେ ବୁଦାମେରୁ କେନାଲ୍‌ରେ ସୃଷ୍ଟି ହୋଇଥିବା ଘାଇ ଗୁଡ଼ିକ ମରାମତି କରିବା ଏବଂ ବନ୍ୟା ପ୍ରଭାବିତ ଅଞ୍ଚଳ ଗୁଡ଼ିକରେ ସ୍ଥିତି ସ୍ୱାଭାବିକ ଅବସ୍ଥାକୁ ଆଣିବା ପାଇଁ ଭାରତୀୟ ସେନାକୁ ମୁତୟନ କରାଯାଇଛି। କେନାଲରେ ସୃଷ୍ଟି ହୋଇଥିବା ଘାଇ ମରାମତି ଲାଗି ରାଜ୍ୟ ସରକାର ସେନା ସହାୟତା ଆବଶ୍ୟକ କରିଥିଲେ । ଇତିମଧ୍ୟରେ  ଏନ୍-୩୨ ବିମାନରେ ସେନାର ଇଞ୍ଜିନିୟରିଂ ଦଳର ୪୦ ଜଣ ଇଞ୍ଜିନିୟରଙ୍କୁ ହକିମ୍‌ପେଟ୍ ରୁ ବିଜୟୱାଡ଼ା ନିଆଯାଇଛି । ଏହାଛଡ଼ା ଅତିରିକ୍ତ ସେନା ଯବାନମାନେ ପ୍ରସ୍ତୁତ ହୋଇ ରହିଛନ୍ତି । ସେନାବାହିନୀ ବନ୍ୟାପ୍ରଭାବିତ ଅଞ୍ଚଳରେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ସମେତ ବିଭିନ୍ନ

ସ୍ଥାନରେ ବନ୍ୟା ଯୋଗୁଁ ସୃଷ୍ଟି ହୋଇଥିବା ଘାଇ ମରାମତି କାର୍ଯ୍ୟରେ ସହଯୋଗ କରିବେ ବୋଲି ଜଣାପଡ଼ିଛି ।

## ନୀତି-ପଲ୍

ନୀତି ଆୟୋଗ ସଦସ୍ୟ ଡକ୍ଟର ଭି.କେ. ପଲ୍ କହିଛନ୍ତି ଦେଶ ନିର୍ମାଣ କ୍ଷେତ୍ରରେ ପ୍ରାଥମିକ ସ୍ୱାସ୍ଥ୍ୟସେବା ଦୃଢ଼ କରିବାର ଆବଶ୍ୟକତା ରହିଛି । ସାର୍ବଜନୀନ ସ୍ୱାସ୍ଥ୍ୟସେବା ସଂପର୍କିତ ଏକ ସମ୍ମିଳନୀକୁ ଉଦ୍‌ବୋଧନ ଦେବା ଅବସରରେ ଡକ୍ଟର ପଲ୍ କହିଛନ୍ତି ଦେଶରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଖିଦୃଶିଆ ପରିବର୍ତ୍ତନ ଘଟିଛି । ସେ କହିଛନ୍ତି ପରିଣତ ବୟସରେ ସ୍ୱାସ୍ଥ୍ୟସେବା ଜନିତ ବୋଝ ହ୍ରାସ କରିବା ପାଇଁ ପ୍ରାଥମିକ ସ୍ୱାସ୍ଥ୍ୟସେବାକୁ ଅଧିକ ଗୁରୁତ୍ୱ ଦିଆଯାଉଛି । ସେ କହିଛନ୍ତି ଉନ୍ନତମାନର ଜୀବନଧାରଣ ନିମନ୍ତେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଡିଜିଟାଲ୍ ସମାଧାନ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଛି ।

## ହଣ୍ଟର-ବାଇଡେନ୍

ଆମେରିକା ରାଷ୍ଟ୍ରପତି ଜୋ. ବାଇଡେନ୍‌ଙ୍କ ପୁତ୍ର ହଣ୍ଟର ବାଇଡେନ୍ ସମସ୍ତ ଟିକସ ଫାଙ୍କି ମାମଲା ସଂପର୍କିତ ଅପରାଧକୁ ସ୍ୱୀକାର କରିଥିବା ଜଣାପଡ଼ିଛି । ଏହା ପୂର୍ବରୁ ହଣ୍ଟର ବାଇଡେନ୍ ୨୦୧୬ରୁ ୨୦୧୯ ମଧ୍ୟରେ ୧୦ଲକ୍ଷ ୪୦ ହଜାର ଡଲାରର ଆୟକର ଦେଇନଥିବା ଜଣାପଡ଼ିଛି ।

ଗଣମାଧ୍ୟମ ସୂଚନା ଅନୁଯାୟୀ ଜଷ୍ଟିସ୍ ମାକ୍ ସ୍କାର୍ସି କହିଛନ୍ତି ଅପରାଧ ସ୍ୱୀକାର କରିବା ପରେ ହଣ୍ଟର ବାଇଡେନଙ୍କୁ ସର୍ବାଧିକ ୧୫ ବର୍ଷ

ଜେଲ୍‌ଦଣ୍ଡ ଏବଂ ୫ ଲକ୍ଷ ରୁ ୧୦ଲକ୍ଷ ଡଲାର ମଧ୍ୟରେ ଜୋରିମାନା ଦେବାକୁ ପଡ଼ିବ । ଆମେରିକା ରାଷ୍ଟ୍ରପତି ନିର୍ବାଚନର ଗୋଟିଏ ମାସ ପରେ ଏବଂ ଜୋ ବାଇଡେନ୍ ରାଷ୍ଟ୍ରପତି  ପଦ ତ୍ୟାଗ କରିବାର ଗୋଟିଏ ମାସ ପୂର୍ବରୁ ଡିସେମ୍ବର ୧୬ରେ ହଣ୍ଟର ବାଇଡେନଙ୍କ ଉପରେ ଦଣ୍ଡାଦେଶ କରାଯିବ ।

୩ ମାସ ପୂର୍ବରୁ ହଣ୍ଟର ବାଇଡେନଙ୍କୁ ବନ୍ଧୁକ ରଖିବା ଏବଂ ନିଶାଦ୍ରବ୍ୟ ବ୍ୟବହାର ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା । ତେବେ ଆମେରିକା ଇତିହାସରେ ପ୍ରଥମଥର ପାଇଁ ପଦବୀରେ ଥିବା ସମୟରେ ଜଣେ ରାଷ୍ଟ୍ରପତିଙ୍କ ପୁଅକୁ ଦୋଷୀ ସାବ୍ୟସ୍ତ କରାଯାଇଛି ।

# ଜେକେ-ପଲିଟିକାଲ୍ ର୍‍ୟାଲି

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଓ ଆସନ୍ତାକାଲି ଜାମ୍ମୁରେ ନିର୍ବାଚନ ପ୍ରଚାର କରିବେ । ଆମ ସମ୍ବାଦଦାତା ଜଣାଇଛନ୍ତି ଶ୍ରୀ ଶାହାଙ୍କ ଜାମ୍ମୁ ଗସ୍ତ ଚୂଡ଼ାନ୍ତ ହୋଇଛି । ଜାମ୍ମୁ କାଶ୍ମୀର ବିଜେପି ଶାଖାର ସାଧାରଣ ସମ୍ପାଦକ ଅଶୋକ କାଉଲ୍ କହିଛନ୍ତି ଶ୍ରୀ ଶାହାଙ୍କ ଗସ୍ତ ଦଳୀୟ ପ୍ରାର୍ଥୀ ଏବଂ କର୍ମୀଙ୍କ ମନୋବଳ ବୃଦ୍ଧି କରିବ । ଶ୍ରୀ ଶାହା ମଧ୍ୟ ଚଳିତମାସରେ କାଶ୍ମୀର ଗସ୍ତ କରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରଚାର କରିବେ ବୋଲି ଜଣାପଡ଼ିଛି ।

ଜାମ୍ମୁ କାଶ୍ମୀର ବିଧାନସଭା ନିର୍ବାଚନ ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଦଳର ବରିଷ୍ଠ ନେତାମାନେ ପ୍ରଚାର କାର୍ଯ୍ୟରେ ଯିବେ । ଗତକାଲି ଏହାକୁ ଦୃଷ୍ଟିରେ ରଖି ବିଜେପି ପକ୍ଷରୁ ତାରକା ପ୍ରଚାରକମାନଙ୍କ ତାଲିକା ପ୍ରକାଶ ପାଇଛି । ତାଲିକାରେ ପ୍ରଧାନମନ୍ତ୍ରୀ

ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା ଏବଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଅଛନ୍ତି। ଚଳିତ ମାସ ୨୫ ତାରିଖରେ ସେଠାରେ ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ, ମନୋହର ଲାଲ ଖଟ୍ଟର, ଜି କିଶନ ରେଡ୍ଡୀ, ଜିତେନ୍ଦ୍ର ସିଂ ଏବଂ ଶିବରାଜ ସିଂ ଚୌହାନଙ୍କ ଭଳି ଅନେକ ବିଜେପି ନେତା ମଧ୍ୟ ଦଳର ତାରକା ପ୍ରଚାରକଙ୍କ ମଧ୍ୟରେ ଅଛନ୍ତି ।

## ଜେକେ-ନିର୍ବାଚନ

ଜାମ୍ମୁ କାଶ୍ମୀର ବିଧାନସଭା ନିର୍ବାଚନ ନିମନ୍ତେ କଂଗ୍ରେସ ପକ୍ଷରୁ ତାରକା ପ୍ରଚାରକଙ୍କ ନାମ ଘୋଷଣା କରାଯାଇଛି । କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ, ପୂର୍ବତନ ପାର୍ଟି ଅଧ୍ୟକ୍ଷ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀ, କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ତାରକା ପ୍ରଚାରକଙ୍କ ତାଲିକାରେ ଅଛନ୍ତି ।

ଆମ ସମ୍ବାଦଦାତା ଜଣାଇଛନ୍ତି କଂଗ୍ରେସ ସାଧାରଣ ସଚିବ ଜୟରାମ ରମେଶ, କେ.ସି. ବେଣୁଗୋପାଳ, ସଚିନ ପାଇଲଟ, ଗୁଲାମ ଅହମ୍ମଦ ମୀର୍, ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବୀନ୍ଦର ସିଂ ସୁଖୁ ଏବଂ ମୁକେଶ ଅଗ୍ନିହୋତ୍ରୀ ତାରକା ପ୍ରଚାରକ ତାଲିକାରେ ରହିଛନ୍ତି । ଜାମ୍ମୁ କାଶ୍ମୀର ପ୍ରଦେଶ କଂଗ୍ରେସ କମିଟି ମୁଖ୍ୟ ତାରିକ୍  ଅହମ୍ମଦ କରା, ବରିଷ୍ଠ ନେତା ସଲମନ ଖୁର୍ସିଦ, ଅଜୟ ମାକେନ ଏବଂ ସୟଦ ନାସିର୍ ହୁସେନ୍‌ଙ୍କ ଭଳି ୪୦ ଜଣ ନେତାଙ୍କ ନାମ ଏହି ତାଲିକାରେ ରହିଛି ।

ଗତବୁଧବାର ଠାରୁ କଂଗ୍ରେସ ପକ୍ଷରୁ ଜାମ୍ମୁ କାଶ୍ମୀରେ ନିର୍ବାଚନ ପ୍ରଚାର କାର୍ଯ୍ୟ ଆରମ୍ଭ ହୋଇଛି । ୯୦ ଆସନ ବିଶିଷ୍ଟ ଜାମ୍ମୁ କାଶ୍ମୀର ବିଧାନସଭା ପାଇଁ ଚଳିତମାସ ୧୮,୨୫ ଏବଂ ଅକ୍ଟୋବର ୧ ତାରିଖରେ ମତଦାନ ଓ ଅକ୍ଟୋବର ୮ରେ ମତ ଗଣନା ହେବ ।

## ସୂଚନା ପ୍ରସାରଣ ମନ୍ତ୍ରଣାଳୟ-ଖେଳ

ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଗତମାସ ୨୭ରୁ ୩୦ ତାରିଖ ମଧ୍ୟରେ ନୂଆଦିଲ୍ଲୀର ମେଜର ଧ୍ୟାନଚାନ୍ଦ ଷ୍ଟାଡିୟମ ଏବଂ ଜବାହରଲାଲ ନେହେରୁ ଷ୍ଟାଡିୟମ୍‌ରେ କ୍ରୀଡ଼ା ଉତ୍ସବ-୨୦୨୪ ଆୟୋଜନ କରିଥିଲା । ପ୍ରଥମ ସଂସ୍କରଣରେ ମନ୍ତ୍ରଣାଳୟ କ୍ରିକେଟ୍, ହକି, ବ୍ୟାଡମିଣ୍ଟନ ଏବଂ ଟେବୁଲ୍ ଟେନିସ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମନ୍ତ୍ରଣାଳୟର ୨୦୦ରୁ ଅଧିକ ଅଧିକାରୀ ଏବଂ କର୍ମଚାରୀ ଭାଗ ନେଇଥିଲେ । କ୍ରୀଡ଼ା ଉତ୍ସବର ଆଗାମୀ ସଂସ୍କରଣରେ ଅଧିକ ଖେଳକୁ ସାମିଲ କରାଯିବ ବୋଲି ଜଣାପଡ଼ିଛି । ମେଜର ଧ୍ୟାନଚାନ୍ଦ ଟ୍ରଫି ବିତରଣ ସମାରୋହ ଗତ ବୁଧବାର ନୂଆଦିଲ୍ଲୀରେ ଆୟୋଜିତ ହୋଇଥିଲା । ଏଥିରେ ସୂଚନା ପ୍ରସାରଣ ମନ୍ତ୍ରଣାଳୟର ସଚିବ ସଂଜୟ ଯାଜୁ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ପଞ୍ଚାୟତିରାଜ-ୟୁନିସେଫ୍

ସାମାଜିକ ପରିବର୍ତ୍ତନ ଏବଂ ତ୍ୱରିତ ସେବା ଯୋଗାଣ କ୍ଷେତ୍ରରେ ପଞ୍ଚାୟତିରାଜ ମନ୍ତ୍ରଣାଳୟ ଏବଂ ୟୁନିସେଫ୍ ମଧ୍ୟରେ ବୁଝାମଣା ହୋଇଛି । ପଞ୍ଚାୟତିରାଜ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ସମାବେଶୀ ବିକାଶ ଲକ୍ଷ୍ୟ ହାସଲକୁ ତ୍ୱରାନ୍ୱିତ କରିବା ଲାଗି ଏହା ସହାୟକ ହେବ ।

ଅନ୍ୟପକ୍ଷରେ ଗ୍ରାମାଞ୍ଚଳରେ ରହୁଥିବା ନାଗରିକମାନଙ୍କୁ ଉନ୍ନତ ଏବଂ ତ୍ୱରିତ ସେବା ଯୋଗାଇଦେବା ଏବଂ ଲୋକମାନଙ୍କ ସହ ଉତ୍ତମ ଯୋଗାଯୋଗ ରକ୍ଷା କରିବା ସମ୍ଭବ ହୋଇପାରିବ ବୋଲି କୁହାଯାଇଛି । ମନ୍ତ୍ରଣାଳୟ କହିଛି, ଗ୍ରାମାଞ୍ଚଳ ଲୋକଙ୍କ ପାଖରେ ଗୁରୁତ୍ୱପୂର୍ଣ୍ଣ ସରକାରୀ ଯୋଜନାଗୁଡ଼ିକ ଯେଭଳି ସହଜରେ ପହଞ୍ଚିପାରିବ ଏବଂ ପ୍ରଭାବଶାଳୀ ଢ଼ଙ୍ଗରେ କାର୍ଯ୍ୟକାରୀ ହୋଇପାରିବ, ସେ କ୍ଷେତ୍ରରେ ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରାଯିବ । ମନ୍ତ୍ରଣାଳୟ କହିଛି ଏହି ପଦକ୍ଷେପ ଗ୍ରାମାଞ୍ଚଳର ନାଗରିକମାନଙ୍କୁ ସଶକ୍ତ କରିବା ସହ ସେମାନେ ସୁ-ଶାସନର ପ୍ରଭାବ ଅନୁଭବ କରିପାରିବେ ଓ ନିଷ୍ପତ୍ତି ଗ୍ରହଣ କ୍ଷେତ୍ରରେ ନିରପେକ୍ଷତା ଅବଲମ୍ବନ କରିପାରିବେ ।

---

# ଛାତ୍ର ବୃତ୍ତି ଯୋଜନା

୨୦୨୪-୨୫ ପାଇଁ ରାଷ୍ଟ୍ରୀୟ ସାଧନ ଓ ଯୋଗ୍ୟତା ଛାତ୍ର ବୃତ୍ତି ଯୋଜନା ପାଇଁ ଆବେଦନ ସମୟସୀମାକୁ ଚଳିତ ମାସ ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ସୂଚନା ଅନୁଯାୟୀ, ଏହି ଯୋଜନା ଅଧୀନରେ ଅଷ୍ଟମ ଶ୍ରେଣୀ ପରେ ଡ୍ରପଆଉଟ୍ ରୋକିବା ଏବଂ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଶିକ୍ଷା ସମାପ୍ତ କରିବାକୁ ଉତ୍ସାହିତ କରିବା ପାଇଁ ଆର୍ଥିକ ଦୁର୍ବଳ ଶ୍ରେଣୀର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ବୃତ୍ତି ପ୍ରଦାନ କରାଯାଇଥାଏ । ଚଳିତ ବର୍ଷ ଜୁନ୍ ୩୦ ତାରିଖରୁ ଛାତ୍ରଛାତ୍ରୀମାନେ ଆବେଦନ କରିବା ପାଇଁ ଜାତୀୟ ଛାତ୍ର ବୃତ୍ତି ପୋର୍ଟାଲ ଖୋଲା ରହିଛି। ଏହି ଯୋଜନାରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ସରକାରଙ୍କ ଦ୍ୱାରା ପରିଚାଳିତ ଯୋଗ୍ୟତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରତିବର୍ଷ ଏକ ଲକ୍ଷ ନୂତନ ବୃତ୍ତି ପ୍ରଦାନ କରାଯାଇଥାଏ

। ମନ୍ତ୍ରଣାଳୟ କହିଛି, ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ପ୍ରଦର୍ଶନ ଆଧାରରେ ଦଶମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ନବୀକରଣ ମାଧ୍ୟମରେ ବୃତ୍ତି ଜାରି ରଖାଯାଇଥାଏ । ଏହି ଯୋଜନା କେବଳ ରାଜ୍ୟ ସରକାର, ସରକାରୀ ଅନୁଦାନପ୍ରାପ୍ତ ଏବଂ ସ୍ଥାନୀୟ ସଂସ୍ଥା ସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଲାଗୁ ହେବ ଏବଂ ବାର୍ଷିକ ୧୨ ହଜାର ଟଙ୍କା ଛାତ୍ର ବୃତ୍ତି ଦିଆଯିବ ।

## ସରକାର-ବୀମା

ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନାରେ ପ୍ରବଳ ବର୍ଷା ଓ ବନ୍ୟା ଜନିତ କ୍ଷୟକ୍ଷତିକୁ ଦୃଷ୍ଟିରେ ରଖି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ବନ୍ୟା ପ୍ରଭାବିତ ଲୋକଙ୍କୁ ସମ୍ପୂର୍ଣ୍ଣ ସହାୟତା ଯୋଗାଇ ଦେବାକୁ ରାଷ୍ଟ୍ରାୟତ୍ତ ବୀମା କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମନ୍ତ୍ରଣାଳୟ କହିଛି, ବୀମା କମ୍ପାନୀଗୁଡ଼ିକୁ ସ୍ୱତନ୍ତ୍ର ଶିବିର ଆୟୋଜନ କରି ଏବଂ ଦାବି ପ୍ରକ୍ରିୟାକୁ ସହଜ କରି ଶୀଘ୍ର ଦାବି ସମାଧାନ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୀମାଧାରକମାନେ ଯେଉଁ ନୋଡାଲ ଅଫିସରଙ୍କ ସହ ଯୋଗାଯୋଗ କରିପାରିବେ ସେମାନଙ୍କ ନାମ ଏବଂ ଯୋଗାଯୋଗ ନମ୍ବରକୁ ବ୍ୟାପକ ଭାବେ ବିଜ୍ଞାପନ ଜରିଆରେ ଜଣାଇବାକୁ ବୀମା କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ମନ୍ତ୍ରଣାଳୟ କହିଛି ଯେ କେନ୍ଦ୍ର ସରକାର ଏହି ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ଲୋକଙ୍କୁ ସାହାଯ୍ୟ କରିବା ଏବଂ ସେମାନଙ୍କୁ ଯଥାଶୀଘ୍ର ଆବଶ୍ୟକ ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ ।

## କୁସ୍ତି-ଗୋଲ୍ଡ

ସ୍ପେନ୍‌ର ପୋଣ୍ଟେଭେଦ୍ରାରେ ଚାଲିଥିବା ୨୦ବର୍ଷରୁ କମ୍ କୁସ୍ତି ବିଶ୍ୱ ଚମ୍ପିୟାନ୍‌ସିପ୍‌ରେ ଭାରତର ଜ୍ୟୋତି ବରୁଓ୍ୱାଲ ୭୬ କିଲୋଗ୍ରାମ ଫ୍ରି ଷ୍ଟାଇଲ୍ ବର୍ଗରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ଗତକାଲି ଅନୁଷ୍ଠିତ ପ୍ରତିଯୋଗିତାରେ ଜ୍ୟୋତି ୟୁକ୍ରେନ୍‌ର ମାରିଆଙ୍କୁ ପରାସ୍ତ କରିଥିଲେ । ୨୦୨୩ରେ ପ୍ରିୟା ମଲ୍ଲିକଙ୍କ ପରେ  ମହିଳା ୭୬ କିଲୋଗ୍ରାମ ବର୍ଗରେ ଭାରତର ଏହା ଦ୍ୱିତୀୟ ବିଜୟ । ଏହି ପ୍ରତିଯୋଗିତାରେ ଅଣଷଠୀ କିଲୋଗ୍ରାମ ବର୍ଗରେ କୋମଲ୍ ଏବଂ ୬୮ କିଲୋଗ୍ରାମ ବର୍ଗରେ ସୃଷ୍ଟି ବ୍ରୋଞ୍ଜ ପଦକ ଜିତିଛନ୍ତି ।

---